بسم الله الرحمٰن الرحيم

ଖୁତବା ଜୁମା ୨ ଅଗଷ୍ଟ ୨୦୧୯ର ସାରାଂଶ
ସ୍ଥାନ- ହଦିକ୍ତୁଲ୍ ମେହଦି (ଜଲସା ଗାହ୍ ଇଲ୍-ଟନ୍) ବ୍ରିଟେନ୍

**ଅଲ୍ଲାଃତାଲାଙ୍କୁ ଆତିଥ୍ୟତା ମଧ୍ୟ ଅତ୍ୟନ୍ତ ପ୍ରିୟ , ଏତେ ପ୍ରିୟ ଯେ, ଯାହାର ଚର୍ଚ୍ଚା ସ୍ୱୟଂ ଅଲ୍ଲାଃତାଲା ହଜ଼ରତ୍ ଇବ୍ରାହମ୍ ଅ.ସଙ୍କ ମାଧମରେ କୁରଆନ କରୀମରେ ଦୁଇଥର ବର୍ଣ୍ଣନା କରିଛନ୍ତି ।**

**ଆଁହଜ଼ରତ୍ ସ.ଅଙ୍କର ତତ୍ ସଂକ୍ରାନ୍ତୀୟ ଆଦର୍ଶ ଗୁଣାବଳୀ ଆମମାନଙ୍କ ସମକ୍ଷରେ ରହିଛି, ଆଁହଜ଼ରତ୍ ସ.ଅ ଅଲ୍ଲାଃତାଲା ଏବଂ ବିଗ୍ଦିର ଦିବସ ଉପରେ ବିଶ୍ୱାସ ସ୍ଥାପନକାରୀଙ୍କୁ ଯେଉଁ କଥାଗୁଡ଼ିକୁ କରିବା ପାଇଁ ଆଦେଶ ଦେଇଛନ୍ତି ତନ୍ମଧ୍ୟରୁ ତୃତୀୟ କଥାଟି ହେଲା ଯେ, ନିଜର ଅତିଥିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କର।**

**ଏକ ଉତ୍ତମ ତଥା ଶାନ୍ତିପୂର୍ଣ୍ଣ ସମାଜ ଗଠନ ନିମନ୍ତେ ଏହା ହିଁ ଭିତ୍ତିଭୂମି, ଉପରୋକ୍ତ କଥାଗୁଡ଼ିକ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡ଼ିକ ମଧ୍ୟରୁ ଅନ୍ୟତମ ଏବଂ ତାହା ବିଶ୍ୱାସକାରୀଙ୍କର ଏକ ବିଶିଷ୍ଟ ଲକ୍ଷଣ ଅଟେ ।**

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜ଼ୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଅଲ୍ଲାଃତାଲା ଆମମାନଙ୍କୁ ଆଜି ପୁଣି ଥରେ ଜଲସା ସାଲାନା ୟୁ.କେରେ ଶାମିଲ୍ ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଗତ ମାସରେ ଜର୍ମାନୀ, କାନାଡ଼ା ଏବଂ ଆମେରିକାର ଜଲସା ହୋଇଥିଲା ଏବଂ ପୃଥିବୀର ଆହୁରି ଅନେକ ଦେଶ ରହିଛନ୍ତି ଯେଉଁଠି ଆମମାନଙ୍କର ଜଲସା ଅନୁଷ୍ଠିତ ହେବାକୁ ଅଛି । ଆମେମାନେ ପ୍ରତ୍ୟେକ ସ୍ଥଳରେ ଅଲ୍ଲାଃତାଲାଙ୍କର ହଜ଼ରତ୍ ମସିହ୍ ମଉଦ ଅ.ସଙ୍କ ସହିତ ସାହାଯ୍ୟ ତଥା ସହାନୁଭୂତିର ପ୍ରତିଶୃତିକୁ ଅତ୍ୟନ୍ତ ଭବ୍ୟ ଢଙ୍ଗରେ ପୂର୍ଣ୍ଣ ହେଉଥିବାର ଅବଲୋକନ କରୁଅଛୁ । ସୁତରାଂ ୟୁ.କେର ଜଲସା ସାଲାନାର ସ୍ଥିତିକୁ ଏଭଳି ଏକ ବିଶିଷ୍ଟ ଜଲସାରେ ପରିଣତ ହୋଇଯାଇଛି ଯେ, ସଂସାରବାସୀଙ୍କ ଦୃଷ୍ଟି ସର୍ବଦା ଏହି ଜଲସା ଉପରେ ରହୁଅଛି । ସ୍ୱଜନ ଏବଂ ଅଣଅହମଦିମାନଙ୍କର ଦୃଷ୍ଟି ସର୍ବଦା ଉକ୍ତ ଜଲାସ ଉପରେ ରହିଛି । ପ୍ରତ୍ୟେକ ଦୃଷ୍ଟିକୋଣରୁ ଉକ୍ତ ଜଲସାକୁ ଆନ୍ତର୍ଜାତିକ ଜଲସା ଭାବେ ଆଖ୍ୟା ଦିଆଯିବାକୁ ଲାଗିଲାଣି । କାରଣ ଏଠାରେ ଖିଲାଫତର କେନ୍ଦ୍ର ଅବସ୍ଥିତ । ସୁତରାଂ ୟୁ.କେର ଜଲସା ସାଲାନାରେ ଶାମିଲ ହେବା ପାଇଁ ବିଭିନ୍ନ ଦେଶରୁ ଅହମଦି ଓ ଅଣଅହମଦିମାନେ ଉଦ୍ୟମ କରିଥାଆନ୍ତି । ଉକ୍ତ ଦୃଷ୍ଟିକୋଣରୁ ଏଠାରେ ଜଲସାରେ କର୍ମରତ କର୍ମଚାରୀଙ୍କର ଦାୟିତ୍ୱ ମଧ୍ୟ ବୃଦ୍ଧି ପାଇଥାଏ । ପୁନଶ୍ଚ ଏଠାରେ ଯେଉଁସବୁ ସାମୟିକ ସହର ସ୍ଥାପନ କରାଯାଇଛି ଅର୍ଥାତ ହଦିକତୁଲ୍ ମେହଦି ଠାରେ ତାହାର ବ୍ୟବସ୍ଥାମାନ ମଧ୍ୟ ଏକ ବିଶେଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବା ପାଇଁ ଆବଶ୍ୟକତା ଲୋଡ଼ୁଛି । ସୁତରାଂ ଏହି ଦୃଷ୍ଟିକୋଣରୁ ଯେପରିକି ମୁଁ କର୍ମୀମାନଙ୍କୁ ସେମାନଙ୍କର ଡ଼ିୟୁଟି ଏବଂ ଦାୟୀତ୍ୱ ପ୍ରତି ଧ୍ୟାନାକର୍ଷଣ କରିଥାଏ । ତେବେ ବର୍ତ୍ତମାନ ମୁଁ ତତ୍-ସଂକ୍ରାନ୍ତରେ ସର୍ବପ୍ରଥମେ ଆଲୋଚନା କରିବି ।

ଅଲ୍ଲାଃତାଲାଙ୍କ କୃପାରୁ ଯେବେଠୁ ଏଠାରେ ଖିଲାଫତର କେନ୍ଦ୍ର ସ୍ଥାନାନ୍ତରିତ ହୋଇଛି ଏବଂ ଉପସ୍ଥିତ ଖଲିଫାଙ୍କର ଉପସ୍ଥିତିରେ ହିଁ ଜଲସାର ଆୟୋଜନ ହେଉଛି । ୟୁ.କେରେ ବସବାସ କରୁଥିବା ଅହମଦି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ, ଯୁବକମାନେ, ପିଲାମାନେ ଏବଂ ମହିଳାମାନେ, ଯୁବତୀମାନେ ବିଗତ ୩୫ ବର୍ଷ ଧରି ଖଲିଫାଙ୍କ ତତ୍ତ୍ୱାବଧାନରେ ହିଁ ଜଲସାର ବ୍ୟବସ୍ଥାମାନ ହୋଇ ଆସୁଛି ଏବଂ ଅହମଦି ଲୋକମାନେ ସ୍ୱେଚ୍ଛାକୃତ ଭାବେ ଏହି ଜଲସାରେ ଡ଼ିୟୁଟି ଦେଇ ଆସୁଛନ୍ତି । ଆଜି ଆମେ ଏହା ଦେଖିବାକୁ ପାଉ ଯେ, ବୋଧ ହୁଏ ବ୍ୟବସ୍ଥା ତଥା ପରିଚାଳନା କ୍ଷେତ୍ରରେ ଏଠାକାର କର୍ମୀମାନେ ରବୱାର କର୍ମୀମାନଙ୍କୁ ସହଯୋଗ କରିବାର ସାମର୍ଥ୍ୟତା ମଧ୍ୟ ନିଜ ଭିତରେ ରଖୁଛନ୍ତି । ସେହି ବେଳଟି କାହିଁ ଯେତେବେଳେ ଚାରି ପାଞ୍ଚ ହଜ଼ାର ଅତିଥିମାନଙ୍କୁ ଖୁଆଇବା, ବ୍ୟବସ୍ଥା ପରିଚାଳନା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେଉଥିଲା ଏବଂ ଶତକଡ଼ା ୯୦ ଭାଗ ରୁଟି ବଜାରରୁ କ୍ରୟ କରାଯାଉଥିଲା । ହେଲେ ଆଜି ଅଲ୍ଲାଃତାଲାଙ୍କର କୃପାରୁ ୩୫ ୪୦,୦୦୦ ଲୋକମାନଙ୍କ ପାଇଁ ରୁଟି ଏଠିକାର କର୍ମୀମାନେ ହିଁ ପ୍ରସ୍ତୁତ କରିଥାଆନ୍ତି । ଲକ୍ଷାଧିକ ସଂଖ୍ୟାରେ ରୁଟି ପ୍ରସ୍ତୁତ ହେଉଛି । ବେଳେବେଳେ ଏହି ରୁଟିଗୁଡ଼ିକର ମାନକୁ ମୁଁ ସ୍ୱୟଂ ଯାଞ୍ଚ

କରିଥାଏ । ଲୋକମାନଙ୍କୁ ଏହି ରୁଟି ମଧ୍ୟ ପସନ୍ଦ ଆସୁଛି । ମୁଁ ମଧ୍ୟ ଏହି ରୁଟିକୁ ପସନ୍ଦ କରେ । କାରଣ ପୂର୍ବେ ଯେଉଁ ରୁଟି ପ୍ରସ୍ତୁତ ହେଉଥିଲା ତଦପେକ୍ଷା ଆଜିର ରୁଟିର ମାନ ଅତ୍ୟୁଚ୍ଚରେ ରହିଛି । ଅଲ୍ଲାଃତାଲା ସେହି ଯୁବକର୍ମୀଙ୍କ ଦକ୍ଷତାକୁ ଅଧିକ ଅଭିବୃଦ୍ଧି କରିବାରେ ସହାୟ ହୁଅନ୍ତୁ ଯେଉଁମାନେ ଏହି କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ ଏବଂ ଏହି ବୃତ୍ତିରେ ସେମାନଙ୍କର ଦକ୍ଷତାକୁ ମଧ୍ୟ ଅଲ୍ଲାଃତାଲା ଅଭିବୃଦ୍ଧି କରନ୍ତୁ । ଯଦ୍ଵାରାକି ସେମାନେ ପୂର୍ବପେକ୍ଷା  ଆହୁରି ଅଧିକ ଅତିଥିମାନଙ୍କ ସେବାକାରୀ ରୂପେ ବିବେଚିତ ହୋଇପାରିବେ । ସେହିପରି ଲଙ୍ଗର୍ ଖାନାରେ ରନ୍ଧନ ନିମନ୍ତେ ଯେଉଁ ଦଳଗୁଡ଼ିକ ରହିଛନ୍ତି ସେମାନେ ନିଜ ନିଜର ନିର୍ବାହୀ ଅଧିକାରୀଙ୍କ ସହିତ ଅତ୍ୟନ୍ତ ଧ୍ୟାନମଗ୍ନ ଏବଂ ପରିଶ୍ରମର ସହ କାମ କରୁଛନ୍ତି । ପୁନଶ୍ଚ ଲଙ୍ଗର୍ ଖାନାର ବାସନ କୁସନ ସଫା କରିବାର ବିଭାଗକୁ ଯଦି ଦେଖାଯାଏ ତେବେ ତାହା ମଧ୍ୟ ଏକ ବୃହତ୍ ଓ ଅତ୍ୟନ୍ତ ପରିଶ୍ରମ ଜନିତ କାର୍ଯ୍ୟ ଅଟେ । କାଦିୟାନରେ ତ' ଏହି କାମ ପାଇଁ ଶ୍ରମିକମାନଙ୍କୁ ପାରିଶ୍ରମିକ ଦେଇ କାମ କରଯାଉଥିଲା । କିନ୍ତୁ ଏଠାରେ ଅତ୍ୟନ୍ତ ନିଷ୍ଠାପର ଏବଂ ସେବା ମନୋଭାବ ନେଇ କର୍ମୀମାନେ ଉକ୍ତ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । ସେହିପରି ଖୁଆଇବାର ବିଭାଗ ରହିଛି ସେଥିରେ ମଧ୍ୟ ବିଭାଗୀୟ କର୍ମୀମାନେ ଏଥର ଅଧିକ ଉନ୍ନତି ଆଣିବା ପାଇଁ ପ୍ରଚେଷ୍ଟା କରିଛନ୍ତି । ଖାଇବାର ସ୍ଥଳୀ ଗୁଡ଼ିକୁ ପ୍ରଶସ୍ଥ କରାଯାଇଛି । କାରଣ ଅତିଥିମାନଙ୍କୁ ଯେପରି ଶୃଙ୍ଖଳିତ ଭାବରେ ଏବଂ କମ୍ ସମୟରେ ଖାଦ୍ୟ ଖୁଆଯାଇ ପାରିବ ଏଥିପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ପୁନଶ୍ଚ ଅନ୍ୟ ବିଭାଗ ରହିଛି ଯେପରି ସ୍ୱଚ୍ଛତା ଏବଂ ସଫେଇ ବିଭାଗ, ଗାଡ଼ି ପାର୍କିଙ୍ଗ୍ ବିଭାଗ, ଟ୍ରାଫିକ୍ ନିୟନ୍ତ୍ରଣ ବିଭାଗ, ଜଲସା ଗାହ୍ ଭିତରେ ବିଭିନ୍ନ ପ୍ରକାର ବିଭାଗ ରହିଛି । ସିକ୍ୟୁରିଟି ମଧ୍ୟ ଏକ ଗୁରୁତ୍ତ୍ୱପୂର୍ଣ୍ଣ ବିଭାଗ ରୂପେ ପରିଗଣିତ ଏବଂ ସେହିପରି ଅନ୍ୟାନ୍ୟ ବିଭାଗ ରହିଛି ଯେଉଁମାନେକି ନିଜ ନିଜ କ୍ଷେତ୍ରରେ ଏକ ଗୁରୁତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଏହି ବିଭାଗଗୁଡ଼ିକରେ କାମ କରିବାକୁ କର୍ମୀମାନଙ୍କୁ ସୁଯୋଗ ମିଳୁଅଛି । ସେହିପରି ମହିଳା କର୍ମୀମାନେ ରହିଛନ୍ତି ସେମାନଙ୍କୁ ମଧ୍ୟ ଉକ୍ତ ଜଲସାରେ ସେବା କରିବାର ସୁଯୋଗ ମିଳିଥାଏ । ଅଲ୍ଲାଃତାଲା ସେହି ସମସ୍ତ କର୍ମୀମାନଙ୍କୁ ଅତ୍ୟୁତ୍ତମ ରୂପେ ସେବା କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଯେପରି ମୁଁ ସର୍ବଦା କର୍ମୀମାନଙ୍କୁ କହିଥାଏ କି, ଯେଉଁ ରୁଚି ଓ ଭାବନା ନେଇ ଆପଣମାନେ ନିଜକୁ ହଜ଼ରତ ମସିହ୍ ମଉଦ ଅ.ସଙ୍କ ଅତିଥିମାନଙ୍କ ସେବା ନିମନ୍ତେ ପ୍ରସ୍ତୁତ କରିଛନ୍ତି ସେହି ଉତ୍ସାହପୂର୍ବକ ମନୋଭାବକୁ ଶେଷ ପର୍ଯ୍ୟନ୍ତ ବଜାୟ ରଖନ୍ତୁ । ତେଣୁ ଆପଣମାନଙ୍କୁ ଲୋକମାନଙ୍କ ମୁଖର ହସ ଏବଂ ଅତିଥିମାନଙ୍କ ପ୍ରତି ବିନମ୍ର ହେବା ଏବଂ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ହିଁ ଉକ୍ତ ଉଦ୍ଦେଶ୍ୟଟି ସାଧିତ ହୋଇପାରିବ । ସୁତରାଂ ଯେଉଁ କର୍ମରତ କର୍ମୀ ଓ କର୍ମରତା କର୍ମୀମାନେ ଏହି ଜଲସାରେ ଅତିଥିମାନଙ୍କର ସେବା କରିବା ଲାଗି ବିଭିନ୍ନ ସ୍ଥାନରେ କର୍ମ ସମ୍ପାଦନ କରୁଛନ୍ତି ସେମାନଙ୍କୁ ସର୍ବଦା ଏହି କଥା ମନେ ରଖିବ ଉଚିତ ଯେ, ସେମାନେ ଏହି ଜଲସାରେ ଦ୍ୱିଗୁଣା ପୁଣ୍ୟ ଅର୍ଜନ କରୁଛନ୍ତି ଏବଂ ଜଲସାର ବରକାତରୁ ଲାଭବାନ ହେଉଛନ୍ତି । ଆତିଥ୍ୟତାକୁ ଅଲ୍ଲାଃତାଲା ମଧ୍ୟ ପସନ୍ଦ କରନ୍ତି । ଅଲ୍ଲାଃତାଲା ଏତେ ପସନ୍ଦ କରନ୍ତି କି, ଏହି ଚର୍ଚ୍ଚାକୁ ହଜ଼ରତ୍ ଇବ୍ରାହିମ୍ ଅ.ସଙ୍କ ମାଧ୍ୟମରେ ପବିତ୍ର କୁରଆନରେ ଦୁଇ ଥର ବର୍ଣ୍ଣନା କରିଛନ୍ତି । ତେଣୁ ଯଦି ଅତିଥିମାନଙ୍କୁ ଭୋଜନ କରାଇବା ବା ସେମାନଙ୍କ ଆଗରେ ଭୋଜନ ପ୍ରସ୍ତୁତ କରିବା କୌଣସି ସାଧାରଣ କଥା ହୋଇଥାଆନ୍ତା ତେବେ ଅତିଥିମାନଙ୍କର ଆଗମନର ଚର୍ଚ୍ଚା କ୍ଷଣେ ପ୍ରତ୍ୟେକ ଥର ତାଙ୍କୁ (ହଜ଼ରତ ଇବ୍ରାହିମ ଅ.ସଙ୍କୁ) ଖାଦ୍ୟ ପ୍ରସ୍ତୁତ କରିବାର ଚର୍ଚ୍ଚା ହୋଇ ନଥାଆନ୍ତା ।

ଏ ସଂକ୍ରାନ୍ତରେ ଆଁହଜ଼ରତ ସ.ଅଙ୍କର ପବିତ୍ର ଆଦର୍ଶ ଆମମାନଙ୍କ ସମ୍ମୁଖରେ ରହିଛି । ଆଁହଜ଼ରତ ସ.ଅ ଅଲ୍ଲାଃତାଲା ଏବଂ ବିଚାର ଦିବସ ଉପରେ ବିଶ୍ୱାସ ସ୍ଥାପନକାରୀଙ୍କୁ ଯେଉଁ କଥାଗୁଡ଼ିକୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସେଗୁଡ଼ିକ ଏହିପରି ଅଟନ୍ତି ଯାହାକି ପରସ୍ପରର ପରିପୂରକ ଏବଂ ଅଧିକାର ସହିତ ସଂଶ୍ଳିଷ୍ଟ, ତାହା ସମାଜକୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ଶୃଙ୍ଖଳିତ କରିବା ସହିତ ମାର୍ଗଦର୍ଶନ ସଂପର୍କିତ ଅଟନ୍ତି । ପ୍ରଥମତଃ- ଭଲ କଥା କୁହ ନଚେତ୍ ନୀରବ ରୁହ । ଅଯଥା କଥା କହି ଅଶାନ୍ତି ସୃଷ୍ଟି କର ନାହିଁ । ପରସ୍ପର ପ୍ରତି ବିଦ୍ୱେଷଭାବ ସୃଷ୍ଟି କର ନାହିଁ । କାରଣ ଜଣେ ସଦାଚାରୀ ବିଶ୍ୱାସକାରୀ ବ୍ୟକ୍ତି କେବେ ଅନର୍ଥ ଏବଂ ବ୍ୟର୍ଥ କଥା କରି ନଥାଏ । ଦ୍ୱିତୀୟତଃ- ନିଜ ପଡ଼ୋଶୀ ପ୍ରତି ସମ୍ମାନ ପ୍ରଦର୍ଶନ କର । କାରଣ ପଡ଼ୋଶୀର ଅନ୍ୟ ପଡ଼ୋଶୀ ଉପରେ ଅଧିକ ଅଧିକାର ରହିଛି ଯେ, ତାହା ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉ ଏବଂ ତାହାର ଯତ୍ନ ନିଆଯାଉ । ତୃତୀୟତଃ- ନିଜ ଅତିଥିଙ୍କର ସତ୍କାର କର । ଏହି ନିର୍ଦ୍ଦେଶାବଳୀଟି ବିଶେଷ କରି ସତ୍କାରକ ପାଇଁ ହିଁ ଉଦ୍ଦିଷ୍ଟ । ଏକ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନ ପାଇଁ

ଏହା ହିଁ ଭିତ୍ତିଭୂମି ରହିଛି । ଅଲ୍ଲାଃତାଲାଙ୍କର ଆଦେଶାବଳୀ ମଧ୍ୟରୁ ଏହି ଆଦେଶଟି ଅନ୍ୟତମ ଏବଂ ଜଣେ ବିଶ୍ୱାସକାରୀରର ଏହା ହିଁ ବିଶିଷ୍ଟ ଲକ୍ଷଣ । ଯେତେବେଳେ ଆଁହଜ଼ରତ୍ ସ.ଅଙ୍କ ନିକଟରେ ଯେତେବେଳେ ଅଧିକ ସଂଖ୍ୟକ ଅତିଥିମାନଙ୍କର ସମାଗମ ହେଉଥିଲା ସେତେବେଳେ ଆଁହଜ଼ରତ ସ.ଅ ଏହି ଅତିଥିମାନଙ୍କୁ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ ଏବଂ ପୁନଶ୍ଚ ଅତିଥିଙ୍କୁ ପ୍ରଶ୍ନ କରୁଥିଲେ ଯେ, କ'ଣ ତୁମର ଭାଇମାନେ ତୁମ ସହିତ ଉତ୍ତମ ଅତିଥି ସତ୍କାର କରି ନାହାନ୍ତି ? ସେହିପରି ଆଁହଜ଼ରତ ସ.ଅଙ୍କର ସାହାବାମାନେ ମଧ୍ୟ ଆଁହଜ଼ରତ ସ.ଅଙ୍କ ଠାରୁ ଉକ୍ତ ଅତିଥି ସତ୍କାରର ଶିକ୍ଷା ଲାଭ କରି ଶିକ୍ଷିତି ଏବଂ ମାର୍ଜିତ ହୋଇପାରିଥିଲେ । ସେମାନେ ଆଁହଜରତ ସ.ଅଙ୍କ ଠାରୁ ଯଶ ଲାଭ କରିପାରିଥିଲେ । ସେହି ସାହାବାମାନେ ଏପରି ଆତିଥ୍ୟତା କରୁଥିଲେ ଯେ, ଅତିଥି ଏହା କାହିବାକୁ ବା ଉତ୍ତର ଦେବାକୁ ବାଧ୍ୟ ହେଉଥିଲା ଯେ, ଆମକୁ ଆମର ସତ୍କାରକମାନେ ନିଜ ଠାରୁ ଅଧିକ ସୁଖରେ ରଖିଲେ ଏବଂ ନିଜ ଅପେକ୍ଷା ଉତ୍ତମ ଭୋଜନ ଖୁଆଇଲେ । ସୁତରାଂ ଏହା ହିଁ ଆଁହଜ଼ରତ ସ.ଅ ଓ ସାହାବାମାନଙ୍କର ପରମ୍ପରା ଥିଲା ଯେ, ସେମାନେ ଏହିଭଳି ଭାବରେ ଅତିଥିମାନଙ୍କର ସତ୍କାର କରୁଥିଲେ ।

ହୁଜ଼ୁର୍ ଅନୱର୍ ଅ.ବ କହିଲେ : ଆମେମାନେ ତ ଏହି କଥା ପାଇଁ ନିଯୁକ୍ତ ହୋଇଛୁ ଯେ, ସେହି ଅତିଥିମାନଙ୍କର ବିଶେଷ ରୂପେ ସତ୍କାର କରାଯାଉ । ଅଲ୍ଲାଃତାଲା ନିଜର କୃପାରୁ ଜମାଅତର ସଂସାଧନରେ ପୂର୍ବାପେକ୍ଷା ଅଧିକ ବିସ୍ତୃତ ସୃଷ୍ଟି କରିଦେଇଛନ୍ତି ଏବଂ ଜମାଅତୀୟ ପ୍ରଶାସନାଧୀନ ବିଭାଗରେ ମଧ୍ୟ ଅତିଥି ସତ୍କାର କରାଯାଇଥାଏ । କିନ୍ତୁ ସାହାବାମାନଙ୍କର ଏପରି ପରିସ୍ଥିତି ନଥିଲା ଓ ନା ହିଁ କୌଣସି ଏପରି କେନ୍ଦ୍ରୀୟ ବ୍ୟବସ୍ଥା ରହିଥିଲା । ସେହି ସାହାବାମାନଙ୍କର ତ' ବ୍ୟକ୍ତିଗତ ପରିସ୍ଥିତି ମଧ୍ୟ ଏପରି ସ୍ୱଚ୍ଛଳ ନଥିଲା ଓ ନା ହିଁ ସେମାନେ ପକ୍ଷରେ ସଂସାଧନର ବିସ୍ତୃତି ଥିଲା ଯାହାକୁ ବିନିଯୋଗ କରି ସେମାନେ ଅତିଥି ସେବା କରିପାରି ଥାଆନ୍ତେ । କିନ୍ତୁ ତଥାପି ସେମାନେ ଅତିଥି ସେବାକୁ ଦେବ ମାଧବ ସେବା ରୂପେ ଆଦରି ନେଇଥିଲେ । ସୁତରାଂ ଏହି ଅତିଥି ସେବା ସଂପର୍କରେ ଏପରି ଏକ ଘଟଣା ଦେଖିବାକୁ ମିଳେ ଯେ, ଅତିଥି ସତ୍କାରକମାନେ ନିଜର ପିଲାମାନଙ୍କୁ ମଧ୍ୟ ଭୋକିଲା ଶୁଆଇ ଦେଇଥିଲେ ଏବଂ ନିଜେ ସ୍ୱାମୀ ସ୍ତ୍ରୀ ଉପାସ ରହିଲେ ଏବଂ ଯାହାବି ଗଣ୍ଡାଏ ଖାଦ୍ୟ ଥିଲା ତାକୁ ଅତିଥିଙ୍କୁ ଖୁଆଇ ଦେଇଥିଲେ ଏବଂ ପୁନଶ୍ଚ ତାଙ୍କର ଏପରି କାର୍ଯ୍ୟକୁ ଦେଖି ସ୍ୱୟଂ ଅଲ୍ଲାଃତାଲା ମଧ୍ୟ ଖୁବ୍ ପ୍ରଶଂସା କରି ପ୍ରସନ୍ନ ହୋଇ ଆଁହଜ଼ରତ ସ.ଅଙ୍କୁ ଉକ୍ତ ବିଶେଷ ଘଟଣା ସଂପର୍କରେ ସୂଚିତ କଲେ । ସୁତାରାଂ ଯେଉଁ ବ୍ୟକ୍ତିଙ୍କର ଆଦର୍ଶ ଆମମାନଙ୍କୁ ଅନୁସରଣ କରିବା ପାଇଁ ଆଦେଶ ଦିଆଯାଇଛି ସେହି ତ୍ୟାଗ କରି ଅତିଥି ସତ୍କାର କରୁଥିଲେ । ଆଜି ଅଲ୍ଲାଃତାଲାଙ୍କ କୃପାରୁ ହଜ଼ରତ ମସିହ ମଉଦ ଅ.ସଙ୍କ ଜମାଅତରେ ଅନେକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ତ୍ୟାଗର ମନୋଭାବ ନେଇ ଅତିଥି ସେବା କରିଥାଆନ୍ତି । ଆମମାନଙ୍କୁ ମଧ୍ୟ ଏହିପରି କରିବା ଉଚିତ । ଯେଉଁ କର୍ମୀମାନେ ଡ଼ିୟୁଟିରେ ମୁତୟନ ହୋଇଛନ୍ତି ସେମାନଙ୍କୁ ଦରକାର କି ସେମାନେ ସମସ୍ତେ ଶତକଡ଼ା ୧୦୦ ଭାଗ ତ୍ୟାଗର ମନୋଭାବ ନେଇ ଅତିଥିଙ୍କ ପ୍ରତି ବିନୀତ ଆଚରଣ ପ୍ରଦର୍ଶନ କରନ୍ତୁ । ହଜ଼ରତ ମସିହ ମଉଦ ଅ.ସଙ୍କର ଅତିଥି ସତ୍କାର ସଂପର୍କରେ ଏପରି ଅନେକ ଘଟଣା ରହିଛି ଯହିଁରୁ ହଜ଼ରତ ମସିହ ମଉଦ ଅ.ସଙ୍କର ଅତିଥିଙ୍କ ପ୍ରତି ଥିବା ଆସକ୍ତି ତଥା ସାନ୍ତ୍ୱନାମୂଳକ ଅତିଥି ସତ୍କାରର ସର୍ବୋତ୍କୃଷ୍ଟ ସ୍ତର ଆମେମାନେ ଦେଖିବାକୁ ପାଉ ।

ଏକଦା ସୁଦୂର ପ୍ରାନ୍ତରୁ ଆଗତ ଅତିଥି ଲଙ୍ଗର୍ ଖାନାର କର୍ମୀମାନଙ୍କର ଅସ୍ୱୀକୃତି ଫଳରେ କ୍ଷୁବ୍ଧ ହୋଇ ଫେରି ଯାଇଥିଲେ । ଯେତେବେଳେ ଉକ୍ତ ଘଟଣା ସଂପର୍କରେ ହଜ଼ରତ ମସିହ ମଉଦ ଅ.ସ ଜାଣିବାକୁ ପାଇଲେ କୁହାଯାଏ ଯେ, ସେତେବେଳେ ହଜ଼ରତ ମସିହ ମଉଦ ଅ.ସଙ୍କର ଏପରି ଅବସ୍ଥା ଥିଲା କି ଆପଣଙ୍କ ପକ୍ଷରେ ଜୋତା ପିନ୍ଧିବା ଅତ୍ୟନ୍ତ ଦୁରୂହ ଥିଲା । ହୁଜ଼ୁର ଅ.ସ ଏହାକୁ ଖାତିର ନକରି ଶୀଘ୍ର ଶୀଘ୍ର ସେହି ଅତିଥିଙ୍କ ପଛରେ ଧାଇଁଲେ । ସେମାନେ ଏକ ଟାଙ୍ଗାରେ ଯାଉଥିଲେ । ସେ ଯାହାହେଉ ନା କାହିଁକି ଯେତେବେଳେ ସେମାନେ ଦେଖିବାକୁ ପାଇଲେ ଯେ, ହଜ଼ରତ ମସିହ ମଉଦ ଅ.ସ ଆସୁଛନ୍ତି ସେମାନେ ଟାଙ୍ଗାକୁ ଅଟକାଇ ଓହ୍ଲାଇ ପଡ଼ିଲେ । ହଜ଼ରତ ମସିହ ମଉଦ ଅ.ସ ସେମାନଙ୍କ ନିକଟରେ ଦୁଃଖ ପ୍ରକାଶ କରି ସେମାନଙ୍କୁ ଫେରି ଆସିବାକୁ କହି ସେମାନଙ୍କର ଟାଙ୍ଗାକୁ ବିପରୀତ ବୁଲେଇଲେ । ହୁଜ଼ୁର ଅ.ସ ସେମାନଙ୍କୁ କହିଲେ, ଆପଣମାନେ ଟାଙ୍ଗାରେ ବସନ୍ତୁ । ମୁଁ ଆପଣଙ୍କ ସାଙ୍ଗରେ ଚାଲିକି ଯିବି । ସୁତରାଂ ଅତିଥିମାନେ ଲଜ୍ଜିତ ହେଲେ ଏବଂ ଟାଙ୍ଗା ଉପରେ ବସିଲେ ନାହିଁ ବରଂ ହୁଜ଼ୁର ଅ.ସଙ୍କ ସହିତ ଚାଲି ଚାଲି ଆସିଲେ । ପରିଶେଷରେ ଯେତେବେଳେ ସେମାନେ ଲଙ୍ଗର୍ ଖାନାକୁ ଆସିଲେ ସେତେବେଳେ ହୁଜ଼ୁର ଅ.ସ ସ୍ୱୟଂ ସେମାନଙ୍କର ଜିନିଷ ଓହ୍ଲାଇବାକୁ ଲାଗିଲେ । ଏହା ଦେଖି ଖୁଦ୍ଦାମମାନେ ଯେ ପୂର୍ବରୁ ଲଜ୍ଜିତ ଅନୁଭବ କରୁଥିଲେ ସେମାନେ ତତ୍-କ୍ଷଣାତ୍ ଆଗେଇ ଆସି ସେହି ଅତିଥିମାନଙ୍କର ସମସ୍ତ ଜିନିଷପତ୍ର ତଳକୁ ଓହ୍ଲାଇଲେ । ହୁଜ଼ୁର ଅ.ସ ଲଙ୍ଗର୍

ଖାନାରେ ସେପର୍ଯ୍ୟନ୍ତ ଉପସ୍ଥିତ ରହିଲେ ଯେପର୍ଯ୍ୟନ୍ତ କି ସେହି ଅତିଥିମାନଙ୍କର ଖାଇବା ଏବଂ ରହିବାର ସାନ୍ତ୍ୱନାମୂଳକ ବ୍ୟବସ୍ଥା ହୋଇଯାଇ ନଥିଲା । ହୁଜୁର ନିଜର କର୍ମୀମାନଙ୍କୁ କହିଲେ କି ଦେଖ ଏହି ଲଙ୍ଗର୍ ଖାନାକୁ ଅନେକ ଅତିଥିମାନେ ଆସି ଥାଆନ୍ତି । କେତେକଙ୍କୁ ତୁମେ ଚିହ୍ନିଛ ଆଉ କେତେକଙ୍କୁ ତୁମେ ଚିହ୍ନି ନାହଁ । ତେଣୁ ତୁମମାନଙ୍କ ପାଇଁ ଏହା ପ୍ରଯୁଜ୍ୟ କି ତୁମେମାନେ ସମସ୍ତ ଅତିଥିଙ୍କୁ ସମ୍ମାନ ଯୋଗ୍ୟ ମନେକରି ସେମାନଙ୍କର ସତ୍କାର କର । ପୁନଶ୍ଚ ହୁଜୁର ଅ.ସ କହିଲେ ମୋର ତୁମମାନଙ୍କ ଉପରେ ସୁଧାରଣା ରହିଛି ଯେ, ତୁମେମାନେ ଅତିଥିମାନଙ୍କୁ ସୁଖ ପ୍ରଦାନ କରୁଛ । ସୁତରାଂ ଉପରୋକ୍ତ ସୁଧାରଣାକୁ ଆଜି ମଧ୍ୟ ଆମମାନଙ୍କୁ ବଜାୟ ରଖିବା ଉଚିତ ।

ହୁଜୁର୍ ଅନୱର୍ ଅ.ବ କହିଲେ : ଏହାପରେ ମୁଁ ଅତିଥିମାନଙ୍କୁ ମଧ୍ୟ କିଛି କହି ରଖିବାକୁ ଚାହେଁ ଯେ, ପ୍ରଥମତଃ ସେମାନେ ପରସ୍ପରର ଭାବନା ବା ମନୋବୃତ୍ତିକୁ ହୃଦୟଙ୍ଗମ କରିବା ଉଚିତ । ଏହା ଅତିଥି ଏବଂ ଏବଂ ଅତିଥି ସତ୍କାରକ ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ଇସଲାମ ଆମମାନଙ୍କୁ ଯେଉଁଠି ଅତିଥିମାନଙ୍କର ସେବା ଓ ସମ୍ମାନ କରିବା ପାଇଁ ଆଦେଶ ଦେଇଥାଏ । ଅନ୍ୟ ପକ୍ଷରେ ଅତିଥିମାନଙ୍କୁ ମଧ୍ୟ ଏହା ଆଦେଶ ଦେଇଥାଏ ଯେ, ସେମାନେ ଅତିଥିସତ୍କାରକଙ୍କ ଉପରେ ଅଧିକ ବୋଝ ନ ଲଦନ୍ତୁ । ଆଁହଜ଼ରତ ସ.ଅ କହିଲେ କି ଯଦି କୌଣସି ଅତିଥି କୌଣସି ବ୍ୟକ୍ତିଙ୍କ ଘରେ ଦୀର୍ଘ ଦିନ ଆତିଥ୍ୟତା ଗ୍ରହଣ କରେ ତେବେ ସେହି ଅତିଥିଟି ସତ୍କରାକଙ୍କ ଘରେ  ପାଇଁ ଏକ ପ୍ରକାର ବୋଝ ସାଜିଥାଏ ଏବଂ ସେ ଯେପରି ସଦକ଼ା (ଦାନ) ଗ୍ରହଣ କରିଥାଏ । କାରଣ ସମସ୍ତ ବ୍ୟକ୍ତିଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହୋଇନଥାଏ କି ସେମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ପ୍ରକାରର ଅତିଥି ସତ୍କାର କରିପାରିବେ । ସେହିପରି ଅତିଥିଙ୍କ ପାଇଁ ମଧ୍ୟ ଏହା ଆଦେଶ ରହିଛି ଯେ, ସେମାନେ ମଧ୍ୟ ସତ୍କାରକଙ୍କ ପ୍ରିତ ଧ୍ୟାନ ରଖନ୍ତୁ । ଅର୍ଥାତ ସତ୍କାରଙ୍କ ଉପରେ ବୋଝ ଯେପରି ନ ସାଜନ୍ତୁ । ଏଠାରେ ଜଲସାର ବ୍ୟବସ୍ଥାପିକା ପ୍ରଶାସନକୁ ମୁଁ କହି ରଖିବାକୁ ଚାହେଁ ଯେ, ସେମାନେ ଏହି ଜଲସାରେ ଆସିଥିବା ଅତିଥିମାନେ ଯଦି ଏକ ମାସ ପର୍ଯ୍ୟନ୍ତ ଏଠାରେ ରହିବାକୁ ଚାହାଁନ୍ତି ତେବେ ବି ସେମାନଙ୍କର ଅତିଥି ସତ୍କାର କରିବା ଉଚିତ । ଏହା ଭାବନ୍ତୁ ନାହିଁ ଯେ, ତିନି କିମ୍ବା ଚାରି ଦିନ ପରେ ଆମେମାନେ ଅତିଥି ସତ୍କାର ବା ସେବା ଶେଷ କରିଦେବୁ । ହଜ଼ରତ ମସିହ ମଉଦ ଅ.ସ ନିଜ କାର୍ଯ୍ୟଗୁଡ଼ିକର ମାଧ୍ୟମରେ ଲଙ୍ଗର୍ ଖାନାର ଗଠନକୁ ମଧ୍ୟ ଏକ ଶାଖା ରୂପେ ବିବେଚିତ କରିଛନ୍ତି । ତେଣୁ ହଜ଼ରତ ମସିହ ମଉଦ ଅ.ସଙ୍କ ଲଙ୍ଗର୍ ଖାନାକୁ ଆସିଥିବା ଅତିଥିମାନଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ ।

ପୁନଶ୍ଚ ଉତ୍ତମ ସମାଜ ଗଠନ ମଧ୍ୟ ଏକ ଆଦେଶ ରହିଛି । ଯାହା ଉପରେ ବିଶେଷରୂପେ ଏହି ଜଲସାର ପରିବେଶରେ କର୍ମାନୁସରଣ କରିବା ଉଚିତ ଏବଂ ତାହା ହେଉଛି ସଲାମକୁ ସାମାନ୍ୟ କରିବା । ଆଁହଜ଼ରତ ସ.ଅ ସ୍ୱର୍ଗପୁରକୁ ଗମନ କରିବାକୁ ଥିବା ବ୍ୟକ୍ତିଙ୍କର । ଏକ ବିଶେଷତା ହେଉଛି ଯେ, ସେମାନେ ସଲାମକୁ ଆରମ୍ଭ କରିଥାଆନ୍ତି ଅର୍ଥାତ ସଲାମର ସର୍ବତ୍ରରେ ପ୍ରଚାର କରିଥାଆନ୍ତି । ପୁନଶ୍ଚ ହୁଜୁର ଅ.ସ କହିଲେ କି ଯାହାକୁ ତୁମେ ଚିହ୍ନିଛ କିମ୍ବା ଯାହାକୁ ତୁମେ ଚିହ୍ନି ନାହଁ ତୁମେ ସେମାନଙ୍କୁ ମଧ୍ୟ ସଲାମ କର । ହଜ଼ରତ ମସିହ ମଉଦ ଅ.ସ ମଧ୍ୟ ଜଲସାର ଉଦ୍ଦେଶ୍ୟ ମଧ୍ୟରୁ ଏକ ଉଦ୍ଦେଶ୍ୟ ଏହା ବର୍ଣ୍ଣନା କରିଥିଲେ ଯେ, ଯେତେବେଳେ ଲୋକମାନେ ଏପରି ଏକତ୍ର ହେବେ ଏବଂ ଏତେ ମାତ୍ରାରେ ଏକତ୍ର ହେବେ ସେତେବେଳେ ସେମାନଙ୍କ ଠାରେ ପାରସ୍ପରକି ପ୍ରେମ, ମୈତ୍ରୀର ସଂପର୍କ ସ୍ଥାପନ ହେବା ସଙ୍ଗେ ସଙ୍ଗେ ପରସ୍ପରକୁ ଚିହ୍ନିବାର ସଂପର୍କ ବୃଦ୍ଧି ହୋଇଥାଏ । ଏହା ଦ୍ୱାରା ପାରସ୍ପରିକ ବିଦ୍ୱେଷଭାବ ଦୂରୀଭୂତ ହେବ । ପୁନଶ୍ଚ ମସିହ ମଉଦ ଅ.ସ କହିଲେ କି ଜଲସାକୁ ଆସି ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଉଦ୍ୟମ କରିବା ଉଚିତ୍ ଯେ, ସାଂସାରିକ ମୋହମାୟା ଶୀତଳ ହେଉ ଏବଂ ନିଜର ପ୍ରଭୁ ତଥା ଆଁହଜ଼ରତ ସ.ଅଙ୍କର ପ୍ରେମ ମନରେ ସଂପ୍ରସାରିତ ହେଉ । ସୁତରାଂ ଏହି ପ୍ରେମର ପ୍ରାପ୍ତି ନିମନ୍ତେ ଜଲସାର କାର୍ଯ୍ୟକ୍ରମରେ ବିଶେଷରୂପେ ଶାମିଲ୍ ହୋଇ ତାହାକୁ ଶୁଣିବା ଉଚିତ୍ ଏବଂ ଏହା ଉପରେ ଚିନ୍ତନ କରିବା ଉଚିତ । ଜଲସା ଚଲିଥିବା ସମୟରେ ହେଉ କିମ୍ବା ଚଳପ୍ରଚଳ ଅବସ୍ଥାରେ ହେଉ ଅଲ୍ଲାଃତାଲାଙ୍କ ଜ଼ିକର (ନାମ ଜପ) କରିବା ଉଚିତ ଏବଂ ନମାଜ଼ ବାଜମାଅତ ବିଶେଷ ଚିନ୍ତନ ଏବଂ ଧ୍ୟାନର ସହିତ ପଢିବା ଉଚିତ ସେହିପରି ନୱାଫିଲ୍ ଏବଂ ତହଜ୍ଜୁଦ୍ ପଢିବା ଦିଗ ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ । ଯେଉଁମାନଙ୍କର ଏଠାରେ ବସବାସ ରହିଛି ସେମାନେ ଏହି ପରିବେଶକୁ ପବିତ୍ର କରିବା ପାଇଁ ଉଦ୍ୟମ କରି ଚାଲନ୍ତୁ । ନିଜର ସ୍ଥିତାବସ୍ଥାରେ ଉନ୍ନତି ଆଣିବା ପାଇଁ ସର୍ବଦା ପ୍ରଚେଷ୍ଟା କରିବା ଉଚିତ ।

ସେହିପରି ବ୍ୟବସ୍ଥାପିକା ଦୃଷ୍ଟିକୋଣରୁ ଅତିଥିମାନେ ଏହି କଥା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଯେ, ସାମୟିକ ଏବଂ ବିସ୍ତୃତ ବ୍ୟବସ୍ଥାରେ କେତେକ ତ୍ରୁଟି ରହିଯାଇଥାଏ । ଯଦି ଏପରି କୌଣସି ପରିସ୍ଥିତି ତୁମେ ଦେଖ ତେବେ ତାହାକୁ ଅଣଦେଖା କରନ୍ତୁ । ସେହିପରି ଅତିଥିମାନଙ୍କର ମଧ୍ୟ ଏହା କର୍ତ୍ତବ୍ୟ ରହିଛି ଯେ, ସେମାନେ ଉକ୍ତ ଦୋଷତ୍ରୁଟିକୁ ଅଣଦେଖା କରନ୍ତୁ । ଯଦି ବି ଦେଖି ନିଅନ୍ତି ତେବେ ସେମାନେ ଜଲସାର କର୍ମୀମାନଙ୍କୁ ସହଯୋଗ କରନ୍ତୁ । ମୁଁ ଦେଖିଛି ଯେ, କେତେକ ଅତିଥିମାନେ ଅତ୍ୟନ୍ତ ରୁଚିପୂର୍ଣ୍ଣ ମନୋଭାବ ନେଇ ନିଜେ ଅତିଥି ସତ୍କାରକ ପାଲଟି କାମ କରିବାକୁ ଆରମ୍ଭ କରିଦେଇ ଥାଆନ୍ତି । ଜଣେ ଅହମଦି ମଧ୍ୟରେ ଏହି ଭାବନାଟି ରହିବା ଉଚିତ ଏବଂ ଏହା ହିଁ ସେହି ବାସ୍ତବିକ ମୋନବୃତ୍ତି, ଯାହାକି ପାରସ୍ପରିକ ନୈଷ୍ଠିକ  ଓ ଆଦର୍ଶ ସମାଜ ଗଠନରେ ସହାୟ ହୋଇଥାଏ । ଅତିଥିମାନେ କେବଳ କର୍ମୀମାନଙ୍କର ପରୀକ୍ଷା ନେବାରେ ନିଜର ସମୟ ବ୍ୟତୀତ ନକରି ବରଂ ଯେପରି ମୁଁ ପୂର୍ବେ କହିଅଛି ଯେ, ସେମାନେ ଆବଶ୍ୟକ ସ୍ଥଳରେ ପ୍ରତ୍ୟେକ ବିଭାଗରେ ସହାୟକ ହୁଅନ୍ତୁ । ସେହିପରି ପାର୍କିଙ୍ଗ ବ୍ୟବସ୍ଥାରେ ମଧ୍ୟ ବେଳେବେଳେ ଭିଡ଼ର ଏଭଳି ଆପାତକାଳୀନ ପରିସ୍ଥିତି ଓ ସମସ୍ୟା ଉପୁଜିଥାଏ । ଏଭଳି ପରିସ୍ଥିତିରେ କାରରେ ଜଲସାକୁ ଆସୁଥିବା ଅତିଥିମାନେ ଧୈର୍ଯ୍ୟ ଓ ସାହସର ସହିତ ପ୍ରଶାସନକୁ ସଂପୂର୍ଣ୍ଣରୂପେ ସାହାଯ୍ୟ କରନ୍ତୁ । ସେହିପରି ପ୍ରବେଶ ଦୁଆରରେ ଯେଉଁଠି ସ୍କାନିଙ୍ଗ୍ ଆଦିର ବ୍ୟବସ୍ଥା ରହିଛି ସେଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଂପୂର୍ଣ୍ଣରୂପେ ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ ।

ସେହିପରି ଜଲସାରେ ବସିବାକୁ ଥିବା ଲୋକମାନେ ସେମାନଙ୍କର ବାମ ଏବଂ ଦକ୍ଷିଣ ପାର୍ଶ୍ୱର ସର୍ବଦା ନଜର ରଖନ୍ତୁ । ସେହିପରି ଚଲାବୁଲା ସମୟରେ ନିଜର ପରିବେଶ ଉପରେ ମଧ୍ୟ ନଜର ରଖନ୍ତୁ । ସିକ୍ୟୁରିଟି ସୂତ୍ରରୁ ପ୍ରଶାସନ ପରିଚାଳନା ବ୍ୟବସ୍ଥା ଯାହାବି ନିର୍ଦ୍ଦେଶ ଦିଏ ତେବେ ତାହା ଉପରେ ସଂପୂର୍ଣ୍ଣରୂପେ କାର୍ଯ୍ୟାନୁସରଣ କରିବା ପାଇଁ ଚେଷ୍ଟା କରିବା ଉଚିତ । ସର୍ବାଗ୍ରେ ଜଲସାର ସଫଳତା ଏବଂ ଜଲସାରେ ସମ୍ମିଳିତ ହେବା ପାଇଁ ଯେଉଁ ଅଭିପ୍ରାୟ ରହିଛି ତାହାକୁ ପୂରଣ କରିବା ପାଇଁ ଏବଂ ଚପଳ ବ୍ୟକ୍ତିର ଚପଳାମୀରୁ ରକ୍ଷା ପାଇବା ପାଇଁ ସର୍ବଦା ପ୍ରାର୍ଥନା କରିବା ଉଚିତ । ଏହି ଦିନମାନଙ୍କରେ ପାକିସ୍ତାନରେ ବସବାସ କରୁଥିବା ଅହମଦିମାନଙ୍କର ପରିସ୍ଥିତି ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟେକ ଦୁଷ୍କୃତ୍ୟ ଠାରୁ ସୁରକ୍ଷିତ ରଖନ୍ତୁ । ବିରୋଧୀମାନଙ୍କର ନୂଆ, ପୁରୁଣା ଯୋଜନାକୁ ପଣ୍ଡ କରି ସେମାନଙ୍କୁ ଅସଫଳ କରନ୍ତୁ ।

ହୁଜୁର୍ ଅନୱର ଅ.ବ କହିଲେ ଯେ, ଏହା ବ୍ୟତୀତ ଗୋଟିଏ ଘୋଷଣା ବା ଅଭିଜ୍ଞାପନ ରହିଛି, ତାହା ହେଉଛି ଯ, M.T.A ତରଫରୁ ତାଙ୍କର ଆଜି ଏକ ନୂତନ ଆପ୍ ଲଞ୍ଚ୍ ହେବ । ଯାହାକି ସ୍ମାର୍ଟ୍ ଟି.ଭି ଆପ୍ ଅଟେ । ଯେକୌଣସି ଦେଶରେ ଏହି ଆପ୍ ଡ଼ାଉନ୍ଲୋଡ଼୍ (ସଂସ୍ଥାପନ) କରି L.G, Phillips, Amazon Fire T.V, Sony Android T.V SETରେ ବିନା ଡ଼ିଶ୍ ଆଣ୍ଟିନାରେ M.T.Aର ସମସ୍ତ ଚ୍ୟାନେଲ୍ ଦର୍ଶକମାନେ ଦେଖିପାରିବେ । ଅଲ୍ଲାଃତାଲାଙ୍କ କୃପାରୁ ଯେଉଁମାନେ ବାହାରର ଅଧିବାସୀ ଅଟନ୍ତି ସେମାନେ ଏହି ଆପ୍ ଜରିଆରେ ଅଧିକ ଉପକୃତ ଏବଂ ଲାଭବାନ୍ ହୋଇେପାରିବେ । ଜୁମା ନମାଜ଼ ପରେ ମୁଁ ଏହି ନୂତନ APP (ଆପ୍)କୁ ଲଞ୍ଚ୍ କରିବି । ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିକୋଣରୁ ଏହି ଜଲସାକୁ ମଙ୍ଗଳମୟ କରନ୍ତୁ ଏବଂ ଆପଣମାନ ସମସ୍ତଙ୍କୁ ଏଥିରୁ ଉପକୃତ  ତଥା ଲାଭାନ୍ୱିତ ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

**KHULASA KHUTBA JUMA HUZOOR ANWAR a.b.a**

........................................................

**2nd Aug 2019**